## ରାଜ୍ୟ ସିଲେକ୍ସନ ବୋର୍ଡ, ଓଡିଶା ପୋଲିସ୍, କଟକ

## ଜିଲ୍ଲା କନେଷ୍ଟବଳ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

----

ରାଜ୍ୟ ଆରକ୍ଷୀ ବିଭାଗରେ ନିମ୍ନ ଲିଖିତ ଜିଲ୍ଲା / ଆରକ୍ଷୀ ଜିଲ୍ଲା / ପୋଲିସ୍ କମିଶନରେଟ୍‌ରେ ଖାଲିଥିବା **୧୭୨୨** ଗୋଟି କନେଷ୍ଟବଳ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗୁଡିକ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ / ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ତା: ୨୬.୦୭.୨୦୧୮ ରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୧. ପ୍ରାର୍ଥୀମାନଙ୍କୁ ସତର୍କ କରାଇ ଦିଆଯାଉଅଛିକି ଗୋଟିଏ ପଦବୀ ନିମନ୍ତେ ଏକ ରୁ ଅଧିକ ଦରଖାସ୍ତ ଦାଖଲ କରିପାରିବେ ନାହିଁ । ପ୍ରାର୍ଥୀମାନଙ୍କୁ ଅବଗତ କରାଇ ଦିଆଯାଉଅଛି କି, ଦିଆଯାଇଥିବା ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସେମାନେ ସେମାନଙ୍କର ଦରଖାସ୍ତ ଆବେଦନ କରିବେ ।

| କ୍ରମିକ ସଂଖ୍ୟା | ଜିଲ୍ଲା/ ଅନୁଷ୍ଠାନର ନାମ | ବର୍ଗ | | | | | | | | ସମୁଦାୟ |
|---|---|---|---|---|---|---|---|---|---|---|
| | | ଅଣସଂରକ୍ଷିତ ୫୦% | | ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ୧୧.୨୫% | | ଅନୁସୂଚିତ ଜାତି ୧୬.୨୫% | | ଅନୁସୂଚିତ ଜନଜାତି ୨୨.୫୦% | | |
| | | ପୁରୁଷ | ମହିଳା | ପୁରୁଷ | ମହିଳା | ପୁରୁଷ | ମହିଳା | ପୁରୁଷ | ମହିଳା | |
| ୧. | ଅନୁଗୁଳ | ୭ | ୪ | ୧ | ୧ | ୨ | ୧ | ୩ | ୨ | ୨୧ |
| ୨. | ବାଲେଶ୍ୱର | ୨୩ | ୧୨ | ୫ | ୩ | ୭ | ୪ | ୧୦ | ୫ | ୬୯ |
| ୩. | ବରଗଡ | ୧୧ | ୬ | ୩ | ୧ | ୩ | ୨ | ୫ | ୩ | ୩୪ |
| ୪. | ବ୍ରହ୍ମପୁର | ୨୭ | ୧୩ | ୬ | ୩ | ୯ | ୪ | ୧୨ | ୬ | ୮୦ |
| ୫. | ଭଦ୍ରକ | ୧୩ | ୭ | ୩ | ୧ | ୪ | ୨ | ୬ | ୩ | ୩୯ |
| ୬. | ବଲାଙ୍ଗିର | ୧୮ | ୯ | ୪ | ୨ | ୬ | ୩ | ୮ | ୪ | ୫୪ |
| ୭. | ବୌଦ୍ଧ | ୯ | ୪ | ୨ | ୧ | ୩ | ୧ | ୩ | ୨ | ୨୫ |
| ୮. | କଟକ | ୨୦ | ୧୦ | ୫ | ୨ | ୬ | ୩ | ୯ | ୪ | ୫୯ |
| ୯. | ଦେବଗଡ | ୮ | ୪ | ୧ | ୧ | ୩ | ୧ | ୩ | ୨ | ୨୩ |
| ୧୦. | ଢେଙ୍କାନାଳ | ୭ | ୪ | ୧ | ୧ | ୨ | ୧ | ୩ | ୨ | ୨୧ |
| ୧୧. | ଗଜପତି | ୬ | ୩ | ୧ | ୧ | ୧ | ୧ | ୩ | ୧ | ୧୭ |
| ୧୨. | ଗଞ୍ଜାମ | ୨୮ | ୧୪ | ୬ | ୩ | ୯ | ୪ | ୧୩ | ୬ | ୮୩ |
| ୧୩. | ଜଗତସିଂହପୁର | ୧୩ | ୬ | ୩ | ୧ | ୪ | ୨ | ୬ | ୩ | ୩୮ |
| ୧୪. | ଯାଜପୁର | ୯ | ୪ | ୨ | ୧ | ୩ | ୧ | ୩ | ୨ | ୨୫ |
| ୧୫. | ଝାରସୁଗୁଡା | ୧୩ | ୬ | ୩ | ୧ | ୪ | ୨ | ୫ | ୩ | ୩୭ |
| ୧୬. | କଳାହାଣ୍ଡି | ୧୫ | ୬ | ୩ | ୨ | ୫ | ୨ | ୭ | ୩ | ୪୩ |
| ୧୭. | କନ୍ଧମାଳ | ୧୧ | ୫ | ୨ | ୧ | ୩ | ୨ | ୫ | ୨ | ୩୧ |
| ୧୮. | କେନ୍ଦ୍ରାପଡା | ୫ | ୩ | ୧ | ୧ | ୨ | ୧ | ୨ | ୧ | ୧୬ |
| ୧୯. | କେନ୍ଦୁଝର | ୧୭ | ୮ | ୩ | ୨ | ୫ | ୩ | ୭ | ୪ | ୪୯ |
| ୨୦. | ଖୋର୍ଦ୍ଧା | ୯ | ୫ | ୨ | ୧ | ୩ | ୧ | ୪ | ୨ | ୨୭ |
| ୨୧. | କୋରାପୁଟ | ୨୧ | ୧୧ | ୫ | ୨ | ୭ | ୪ | ୯ | ୫ | ୬୪ |
| ୨୨. | ମାଲକାନଗିରି | ୧୯ | ୯ | ୪ | ୨ | ୬ | ୩ | ୯ | ୪ | ୫୬ |
| ୨୩. | ମୟୁରଭଞ୍ଜ | ୨୩ | ୧୨ | ୫ | ୩ | ୭ | ୪ | ୧୦ | ୫ | ୬୯ |
| ୨୪. | ନୟାଗଡ | ୭ | ୪ | ୧ | ୧ | ୩ | ୧ | ୩ | ୨ | ୨୨ |
| ୨୫. | ନବରଙ୍ଗପୁର | ୭ | ୪ | ୧ | ୧ | ୨ | ୧ | ୩ | ୨ | ୨୧ |
| ୨୬. | ନୂଆପଡା | ୮ | ୪ | ୧ | ୧ | ୩ | ୧ | ୩ | ୨ | ୨୩ |
| ୨୭. | ପୁରୀ | ୩୨ | ୧୬ | ୭ | ୪ | ୧୧ | ୫ | ୧୪ | ୭ | ୯୬ |

| | | | | | | | | | | |
|---|---|---|---|---|---|---|---|---|---|---|
| ୨୮. | ରାୟଗଡା | ୧୯ | ୯ | ୪ | ୨ | ୬ | ୩ | ୮ | ୪ | ୫୫ |
| ୨୯. | ରାଉରକେଲା | ୧୯ | ୧୦ | ୪ | ୨ | ୬ | ୩ | ୯ | ୪ | ୫୭ |
| ୩୦. | ସମ୍ବଲପୁର | ୨୧ | ୧୦ | ୪ | ୨ | ୬ | ୩ | ୯ | ୫ | ୬୧ |
| ୩୧. | ସୁବର୍ଣ୍ଣପୁର | ୧୧ | ୫ | ୩ | ୧ | ୩ | ୨ | ୫ | ୨ | ୩୨ |
| ୩୨. | ସୁନ୍ଦରଗଡ | ୧୧ | ୫ | ୩ | ୧ | ୩ | ୨ | ୫ | ୨ | ୩୨ |
| ୩୩. | ଜି.ଆର୍.ପି., କଟକ | ୮ | ୪ | ୨ | ୧ | ୩ | ୧ | ୩ | ୨ | ୨୪ |
| ୩୪. | ଜି.ଆର୍.ପି., ରାଉରକେଲା | ୫ | ୩ | ୧ | ୧ | ୨ | ୧ | ୨ | ୧ | ୧୬ |
| ୩୫. | କମିଶନରେଟ୍ ପୋଲିସ୍ ଭୁବନେଶ୍ୱର-କଟକ, ଭୁବନେଶ୍ୱର | ୧୦୧ | ୫୧ | ୨୩ | ୧୧ | ୩୩ | ୧୬ | ୪୫ | ୨୩ | ୩୦୩ |
| | ସମୁଦାୟ: | ୫୮୧ | ୨୯୧ | ୧୨୫ | ୬୫ | ୧୮୬ | ୯୧ | ୨୫୩ | ୧୩୦ | ୧୬୨୨ |

ଏତଦ ବ୍ୟତୀତ ଗୃହରକ୍ଷୀ, ଅବସରପ୍ରାପ୍ତ ସାମରିକ କର୍ମଚାରୀ, କ୍ରୀଡାବିତ୍ ଏବଂ ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ-ଡି କର୍ମଚାରୀ ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନିୟମ ଓ ସରକାରୀ ନିର୍ଦ୍ଦେଶନାମାନୁସାରେ ବ୍ୟବସ୍ଥା ରହିଛି । ଆବଶ୍ୟକ ସ୍ଥଳେ ଉପରୋକ୍ତ ଖାଲିଥିବା ପଦବୀଗୁଡିକର ସଂଖ୍ୟା ବୃଦ୍ଧି ହୋଇପାରେ ।

**ଦରଖାସ୍ତ ଆବେଦନ କରିବାର ମୂଳ ତାରିଖ: ୦୨.୦୭.୨୦୧୮ ସକାଳ ୧୦ ଘଟିକା**
**ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ: ୨୬.୦୭.୨୦୧୮ ସନ୍ଧ୍ୟା ୫ ଘଟିକା**

## (୨) ଶାରିରୀକ ମାପ / ଦକ୍ଷତା ପରୀକ୍ଷା ନିମନ୍ତେ ନିଯୁକ୍ତି ପରୀକ୍ଷା କେନ୍ଦ୍ର :

| କ୍ରମିକ ସଂଖ୍ୟା | ଜିଲ୍ଲା / ଆରକ୍ଷୀ ଜିଲ୍ଲା / ପୋଲିସ କମିଶନରେଟର ନାମ | ନିଯୁକ୍ତି ପରୀକ୍ଷା କେନ୍ଦ୍ର |
|---|---|---|
| ୧. | ଅନୁଗୁଳ | ବିଜୁପଟ୍ଟନାୟକ ଷ୍ଟାଡିୟମ, ନାଲ୍କୋ, ଅନୁଗୁଳ |
| ୨. | ବାଲେଶ୍ୱର | ପୋଲିସ୍ ପ୍ୟାରେଡ୍ ଗ୍ରାଉଣ୍ଡ, ବାଲେଶ୍ୱର |
| ୩. | ବରଗଡ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ପ୍ରାର୍ଥଲା, ବରଗଡ । |
| ୪. | ବ୍ରହ୍ମପୁର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଆମ୍ବପୁଆ, ବ୍ରହ୍ମପୁର । |
| ୫. | ଭଦ୍ରକ | ନେହରୁ ଷ୍ଟାଡିୟମ, ଭଦ୍ରକ । |
| ୬. | ବଲାଙ୍ଗିର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ମନୋହରପୁର, ବଲାଙ୍ଗିର । |
| ୭. | ବୌଦ୍ଧ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ବାଲସିଙ୍ଘା, ବୌଦ୍ଧ । |
| ୮. | କଟକ | ଇରିଗେସନ୍ ଗ୍ରାଉଣ୍ଡ, ନରାଜ, କଟକ । |
| ୯. | ଦେବଗଡ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଦେବଗଡ । |
| ୧୦. | ଢେଙ୍କାନାଳ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଢେଙ୍କାନାଳ । |
| ୧୧. | ଗଜପତି | ନବଦୋୟ ବିଦ୍ୟାଳୟ ଖେଳ ପଡିଆ, ବେତଗୁଡା, ରିଜର୍ଭ ଅଫିସ ପାଖ, ଗଜପତି |
| ୧୨. | ଗଞ୍ଜାମ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଛତ୍ରପୁର । |
| ୧୩. | ଜଗତସିଂହପୁର | ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, କଣ୍ଡାବଲ୍ଲଭପୁର, ଜଗତସିଂହପୁର । |
| ୧୪. | ଯାଜପୁର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ପାଣିକୋଇଲି, ଯାଜପୁର । |
| ୧୫. | ଝାରସୁଗୁଡା | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଝାରସୁଗୁଡା । |
| ୧୬. | କଳାହାଣ୍ଡି | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଭବାନୀପାଟଣା । |
| ୧୭. | କନ୍ଧମାଳ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ମାଡିକୁନ୍ଦା ଛକ, ଫୁଲବାଣୀ । |
| ୧୮. | କେନ୍ଦ୍ରାପଡା | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଜୟାଙ୍ଗ, କେନ୍ଦ୍ରାପଡା । |
| ୧୯. | କେନ୍ଦୁଝର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, କେନ୍ଦୁଝର । |

| | | |
|---|---|---|
| ୨୦. | ଖୋର୍ଦ୍ଧା | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ତାରତୁଆ, ଖୋର୍ଦ୍ଧା । |
| ୨୧. | କୋରାପୁଟ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, କୋରାପୁଟ । |
| ୨୨. | ମାଲକାନଗିରି | ଡି.ଏନ୍.କେ. ଗ୍ରାଉଣ୍ଡ, ମାଲକାନଗିରି । |
| ୨୩. | ମୟୁରଭଞ୍ଜ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ବାରିପଦା । |
| ୨୪. | ନୟାଗଡ | ପୋଲିସ୍ ଗ୍ରାଉଣ୍ଡ, ପୋଲିସ୍ ତାଲିମ କେନ୍ଦ୍ର, ନୟାଗଡ । |
| ୨୫. | ନବରଙ୍ଗପୁର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ନବରଙ୍ଗପୁର । |
| ୨୬. | ନୂଆପଡା | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ସିଲ୍ଦା, ନୂଆପଡା । |
| ୨୭. | ପୁରୀ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ପୁରୀ । |
| ୨୮. | ରାୟଗଡା | ଜି.ସି.ଡି. ହାଇସ୍କୁଲ ଗ୍ରାଉଣ୍ଡ,ରାୟଗଡା । |
| ୨୯. | ରାଉରକେଲା | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ରାଉରକେଲା । |
| ୩୦. | ସମ୍ବଲପୁର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ସମ୍ବଲପୁର । |
| ୩୧. | ସୁବର୍ଣ୍ଣପୁର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ସୁବର୍ଣ୍ଣପୁର । |
| ୩୨. | ସୁନ୍ଦରଗଡ | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ଶଙ୍କରା, ସୁନ୍ଦରଗଡ । |
| ୩୩. | ଜି.ଆର.ପି., କଟକ | ଓ.ଏସ୍.ଏ.ପି., ଷଷ୍ଠ ବାଟାଲିୟନ, ଓ.ଏମ.ପି. ଛକ, କଟକ । |
| ୩୪. | ଜି.ଆର.ପି., ରାଉରକେଲା | ଓ.ଏସ୍.ଏ.ପି., ଚତୁର୍ଥ ବାଟାଲିୟନ, ରାଉରକେଲା । |
| ୩୫. | କମିଶନରେଟ୍ ପୋଲିସ୍ ଭୁବନେଶ୍ୱର-କଟକ, ଭୁବନେଶ୍ୱର | ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ୟୁ.ପି.ଡି., ଭୁବନେଶ୍ୱର । |

**ବି.ଦ୍ର.: ଉପରୋକ୍ତ ପରୀକ୍ଷା କେନ୍ଦ୍ର ଆବଶ୍ୟକସ୍ଥଳେ ପରିବର୍ତ୍ତନ କରାଯାଇପାରେ ।**

ପ୍ରାର୍ଥୀମାନେ ଶାରୀରିକ ମାପ/ଦକ୍ଷତା ପରୀକ୍ଷା ନିମନ୍ତେ **ତା:୦୬.୦୮.୨୦୧୮ ରିଖ ସକାଳ ୭ଟା (ସାତ ଘଟିକା)** ସମୟରେ ଉପରୋକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବେ । ଏହି ପରୀକ୍ଷା ଅଧିକ ଦିନ ଲାଗିପାରେ, ଏଥିପାଇଁ ପ୍ରାର୍ଥୀମାନେ ରହିବାପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ ।

**ପ୍ରାର୍ଥୀ ପରୀକ୍ଷାର ଯେକୌଣସି ସମୟରେ ଅକୃତକାର୍ଯ୍ୟ ହେଲେ ପରବର୍ତ୍ତୀ ପର୍ଯ୍ୟାୟକୁ ଯୋଗ୍ୟ ବିବେଚିତ ହେବେ ନାହିଁ ।**

## ୩. ଚାକିରୀରେ ନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳୀ

ସାଧାରଣ ପ୍ରଶାସନ ବିଭାଗ ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି ନଂ.୩୨୦୧୦/Gen ତା.୧୨.୧୧.୨୦୧୩ ରିଖ ସର୍ତ୍ତାବଳୀ (ଗ୍ରୁପ୍- ସି ଏବଂ ଗ୍ରୁପ୍-ଡି. ପଦବୀ ପାଇଁ) ଅନୁସାରେ ପ୍ରାରମ୍ଭିକ ଚାକିରୀରେ ନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳୀ ପରିଚାଳନା କରାଯିବ ।

## ୪. ପରୀକ୍ଷା ଫିସ୍

କନେଷ୍ଟବଲ ନିଯୁକ୍ତ ପରୀକ୍ଷାରେ ଅଂଶ ଗ୍ରହଣ ନିମନ୍ତେ ପ୍ରାର୍ଥୀ (ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି ବ୍ୟତୀତ) ଅନ୍ୟ ସମସ୍ତ ବର୍ଗର ପ୍ରାର୍ଥୀ ମାନେ ପରୀକ୍ଷା ଫିସ୍ ବାବଦକୁ ଟ.୧୫୦.୦୦ (ଏକଶହ ପଚାଶ ଟଙ୍କା)ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଠାଇବେ । ବ୍ୟାଙ୍କ ଡ୍ରାଫଟ କିମ୍ବା ପୋଷ୍ଟାଲ ଅର୍ଡର ନିମ୍ନମତେ ଦେୟ ହେବା ଆବଶ୍ୟକ । ଫିସ୍ ପୈଠ ହୋଇସାରିବା ପରେ କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ ।

| କ୍ରମିକ ସଂଖ୍ୟା | ପୋଲିସ୍ କମିଶନ୍‌ରେଟ୍‌ର ନାମ / ଜିଲ୍ଲା / ଆରକ୍ଷୀ ଜିଲ୍ଲା | କାହା ନାମରେ ଦେୟ ହେବ | କେଉଁ ଠାରେ ଦେୟ ହେବ |
|---|---|---|---|
| ୧. | ଅନୁଗୁଳ | Supdt. of Police, Angul | Angul |
| ୨. | ବାଲେଶ୍ୱର | Supdt. of Police, Balasore | Balasore |

| | | | |
|---|---|---|---|
| ୩. | ବରଗଡ | Supdt. of Police, Baragarh | Baragarh |
| ୪. | ବ୍ରହ୍ମପୁର | Supdt. of Police, Berhampur | Berhampur |
| ୫. | ଭଦ୍ରକ | Supdt. of Police, Bhadrak | Bhadrak |
| ୬. | ବଲାଙ୍ଗିର | Supdt. of Police, Bolangir | Bolangir |
| ୭. | ବୌଦ୍ଧ | Supdt. of Police, Boudh | Boudh |
| ୮. | କଟକ | Supdt. of Police, Cuttack | Cuttack |
| ୯. | ଦେବଗଡ | Supdt. of Police, Deogarh | Deogarh |
| ୧୦. | ଢେଙ୍କାନାଳ | Supdt. of Police, Dhenkanal | Dhenkanal |
| ୧୧. | ଗଜପତି | Supdt. of Police, Gajapati | Paralakehemundi |
| ୧୨. | ଗଞ୍ଜାମ | Supdt. of Police, Ganjam | Chhatrapur |
| ୧୩. | ଜଗତସିଂହପୁର | Supdt. of Police, Jagatsinghpur | Jagatsinghpur |
| ୧୪. | ଯାଜପୁର | Supdt. of Police, Jajpur | Jajpur |
| ୧୫. | ଝାରସୁଗୁଡା | Supdt. of Police, Jharsuguda | Jharsuguda |
| ୧୬. | କଳାହାଣ୍ଡି | Supdt. of Police, Kalahandi | Bhawanipatna |
| ୧୭. | କନ୍ଧମାଳ | Supdt. of Police, Kandhamal | Kandhamal |
| ୧୮. | କେନ୍ଦ୍ରାପଡା | Supdt. of Police, Kendrapara | Kendrapara |
| ୧୯. | କେନ୍ଦୁଝର | Supdt. of Police, Keonjhar | Keonjhar |
| ୨୦. | ଖୋର୍ଦ୍ଧା | Supdt. of Police, Khordha | Khordha |
| ୨୧. | କୋରାପୁଟ | Supdt. of Police, Koraput | Koraput |
| ୨୨. | ମାଲକାନଗିରି | Supdt. of Police, Malkangiri | Malkangiri |
| ୨୩. | ମୟୁରଭଞ୍ଜ | Supdt. of Police, Mayurbhanj | Baripada |
| ୨୪. | ନୟାଗଡ | Supdt. of Police, Nayagarh | .Nayagarh |
| ୨୫. | ନବରଙ୍ଗପୁର | Supdt. of Police, Nawarangpur | Nawarangpur |
| ୨୬. | ନୂଆପଡା | Supdt. of Police, Nuapada | Nuapada |
| ୨୭. | ପୁରୀ | Supdt. of Police, Puri | Puri |
| ୨୮. | ରାୟଗଡା | Supdt. of Police, Rayagada | Rayagada |
| ୨୯. | ରାଉରକେଲା | Supdt. of Police, Rourkela | Rourkela |
| ୩୦. | ସମ୍ବଲପୁର | Supdt. of Police, Sambalpur | Sambalpur |
| ୩୧. | ସୁବର୍ଣ୍ଣପୁର | Supdt. of Police, Subarnapur | Sonepur |
| ୩୨. | ସୁନ୍ଦରଗଡ | Supdt. of Police, Sundargarh | Sundargarh |
| ୩୩. | ଜି.ଆର୍.ପି., କଟକ | Supdt. of Railway Police, Cuttack | Cuttack |
| ୩୪. | ଜି.ଆର୍.ପି., ରାଉରକେଲା | Supdt. of Railway Police, Rourkela | Rorurekla. |
| ୩୫. | କମିଶନରେଟ୍ ପୋଲିସ୍ ଭୁବନେଶ୍ୱର-କଟକ, ଭୁବନେଶ୍ୱର | Dy. Commissioner of Police(Hdqrs.), Bhubaneswar | Bhubaneswar |

**ବ୍ୟାଙ୍କ ଡ୍ରାଫ୍ଟ / ପୋଷ୍ଟାଲ ଅର୍ଡର ବିନା ଦାଖଲ କରାଯାଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଅନୁସୂଚିତ ଜାତି / ଅନୁସୂଚିତ ଜନଜାତିର ପ୍ରାର୍ଥୀମାନଙ୍କୁ କୌଣସି ପରୀକ୍ଷା ଫିସ୍ ଦେବାକୁ ପଡିବ ନାହିଁ ।**

## ୫. ନାମ ପଞ୍ଜିକରଣ

ପ୍ରାର୍ଥୀ ଯେଉଁ ଜିଲ୍ଲାରେ କନେଷ୍ଟବଲ ନିଯୁକ୍ତି ପରୀକ୍ଷାରେ ଭାଗନେବାକୁ ଚାହାଁନ୍ତି, ସେ ସେହି ଜିଲ୍ଲାରେ ଥିବା ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ବା ସେହି ଜିଲ୍ଲାକୁ ପରିସରଭୁକ୍ତ କରୁଥିବା କର୍ମଯୋଗାଣ କେନ୍ଦ୍ରରେ ନିଜର ନାମ ପଞ୍ଜିକରଣ କରିଥିବେ । କମିଶନରେଟ୍, କଟକ - ଭୁବନେଶ୍ୱରରେ ଖାଲି ଥିବା ପଦବୀ ପାଇଁ କଟକ କିମ୍ବା ଖୋର୍ଦ୍ଧା ରାଜସ୍ୱ ଜିଲ୍ଲାରେ ଥିବା ଯେ କୌଣସି କର୍ମଯୋଗଣ କେନ୍ଦ୍ରରେ ବା ସେହି ଜିଲ୍ଲାକୁ ପରିସରଭୁକ୍ତ କରୁଥିବା କର୍ମଯୋଗାଣ କେନ୍ଦ୍ରରେ ପଞ୍ଜିକୃତ ପ୍ରାର୍ଥୀମାନେ ଆବେଦନ କରିପାରିବେ । ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଏହି ପଞ୍ଜିକରଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ଏକାଧିକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରିନଥିବେ । ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗୃପ (ଡି) କର୍ମଚାରୀ, ଗୃହରକ୍ଷୀ ଏବଂ ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ନିମନ୍ତେ ନାମ ପଞ୍ଜିକରଣର ଆବଶ୍ୟକତା ନାହିଁ ।

## ୬. ବୟସ ସୀମା

ପ୍ରାର୍ଥୀଙ୍କର ବୟସ ତା:୦୧.୦୧.୨୦୧୮ ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୨୩ ବର୍ଷରୁ ଅଧିକ ହୋଇନଥିବ । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ, ଗୃହରକ୍ଷୀ ଏବଂ ସମସ୍ତ ବର୍ଗର ମହିଳା ପ୍ରାର୍ଥୀମାନଙ୍କପାଇଁ ସର୍ବୋଚ୍ଚ ବୟସସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ । ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କର ସର୍ବୋଚ୍ଚ ବୟସସୀମା ସେମାନଙ୍କ ପାଇଁ ଉଦ୍ଧିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ । ସେହିପରି ଗୃହରକ୍ଷୀ ମାନଙ୍କ ପାଇଁ ବୟସ ସୀମା ୧.୧.୨୦୧୮ ରିଖ ସୁଦ୍ଧା ୨୮ ବର୍ଷ ଓ ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗୃପ-ଡି କର୍ମଚାରୀ ମାନଙ୍କର ବୟସ ତା:୧.୧.୨୦୧୮ ରିଖ ସୁଦ୍ଧା ୪୩ ବର୍ଷରୁ ଅଧିକ ହୋଇ ନ ଥିବ । ପ୍ରାର୍ଥୀ ଉପରୋକ୍ତ ସୁବିଧା ଗୁଡିକ ମଧ୍ୟରୁ କେବଳ ଗୋଟିଏ ସୁବିଧା ପାଇବେ ।

## ୭. ଶିକ୍ଷାଗତ ଯୋଗ୍ୟତା

ପ୍ରାର୍ଥୀ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଯୁକ୍ତ ଦୁଇ ସାର୍ଟିଫିକେଟ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।

## ୮. ଅନ୍ୟାନ୍ୟ ଯୋଗ୍ୟତା

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ ।

(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ/ପତି ନଥିବେ ।

(ଗ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ଭିନ୍ନକ୍ଷମ ହୋଇନଥିବେ ।

(ଘ) ପ୍ରାର୍ଥୀ ରାଜ୍ୟ ଆରକ୍ଷୀ ବିଭାଗରେ ଗୃପ-ଡି କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ, ଅତି କମ୍‌ରେ ନିରବଚ୍ଛିନ୍ନ ଭାବେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ । ତାଙ୍କର କାର୍ଯ୍ୟକାଳରେ ସେ କୌଣସି ଗୁରୁତର ବିଭାଗୀୟ ଦଣ୍ଡ ଭୋଗି ନ ଥିବେ ଓ ଉତ୍ତମ ସେବାର ଅଧିକାରୀ ହୋଇଥିବେ। ଗୃପ-ଡି କର୍ମଚାରୀ ମାନଙ୍କର ଆବେଦନ ପତ୍ର ସେମାନଙ୍କର ବିଭାଗୀୟ ମୂଖ୍ୟଙ୍କ ଦ୍ୱାରା ପ୍ରେରିତ ହେବା ଆବଶ୍ୟକ ।

(ଙ)ଗୃହରକ୍ଷୀମାନେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ଦିନ ସୁଦ୍ଧା ନିରବଚ୍ଛିନ୍ନ ଭାବେ ଗୃହରକ୍ଷୀଭାବେ ଅତିକମ୍‌ରେ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ ଏବଂ ଗୃହରକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ତାଲିମ୍ ନେଇଥିବେ । ଗୃହରକ୍ଷୀ ମାନଙ୍କର ଆବେଦନ ପତ୍ର ସେମାନଙ୍କର ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ସେମାନେ ଆବେଦନ କରୁଥିବା ଜିଲ୍ଲା / ଅନୁଷ୍ଠାନରୁ ପ୍ରେରିତ ହୋଇଥିବା ଆବଶ୍ୟକ ।

ବି.ଦ୍ର. କନେଷ୍ଟବଳ ନିଯୁକ୍ତି ପରୀକ୍ଷା ସମୟରେ ପ୍ରାର୍ଥୀ ତାଙ୍କ ଯୋଗ୍ୟତା ସମ୍ବନ୍ଧୀୟ ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ନିମନ୍ତେ ଦାଖଲ କରିବେ । ଯେଉଁ ପ୍ରାର୍ଥୀ କନେଷ୍ଟବଳ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ଓ ପରବର୍ତ୍ତୀ ନିଯୁକ୍ତି ପରୀକ୍ଷା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ । ଏତଦ୍ ବ୍ୟତୀତ ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ପ୍ରବରଣ ମଣ୍ଡଳୀ (Selection Board) ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର କନେଷ୍ଟବଳ ପଦବୀପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ । ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Resolution No.57063/D&A dated:23.12.2010, No.44885/D&A, dated:21.11.2017 and No.50127/D&A dated:21.12.2017, www.odisha.gov.in, www.odishapolice.gov.in ଏବଂ www.opssb.nic.in ୱେବସାଇଟରେ ଉପଲବ୍ଧ ଅଟେ ।

୯. **ଶାରୀରିକ ମାପ**

ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସଂ. | ବର୍ଗ | ପୁରୁଷ | | | | ମହିଳା | |
|---|---|---|---|---|---|---|---|
| | | ଉଚ୍ଚତା | ଓଜନ | ଛାତିମାପ | | | |
| | | | | ଅଣସଂପ୍ରସାରିତ | ସଂପ୍ରସାରିତ | ଉଚ୍ଚତା | ଓଜନ |
| ୧. | ଅସଂରକ୍ଷିତ ବର୍ଗ/ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. | ୧୫୮ ସେ.ମି. | ୪୭.୫ କେ.ଜି. |
| ୨. | ଅନୁସୂଚିତ ଜାତି/ ଉପଜାତି | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. | ୧୫୩ ସେ.ମି. | ୪୫ କେ.ଜି. |

ବି.ଦ୍ର. **ଶାରୀରିକ ଅକ୍ଷମ ବା ଭିନ୍ନକ୍ଷମ ବ୍ୟକ୍ତି ଉପରୋକ୍ତ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ନାହିଁ** ।

**(କ)** ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗ୍ରୁପ୍ (ଡି) କର୍ମଚାରୀମାନଙ୍କର ଶାରୀରିକ ମାପ, ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି., ଓଜନରେ ୫ କି.ଗ୍ରା. ଓ ଛାତି ମାପରେ ୨ ସେ.ମି. ପର୍ଯ୍ୟନ୍ତ କୋହଳ କରାଯିବ ।

**(ଖ)** ଯେଉଁ କ୍ରୀଡାବିତ୍‌ମାନେ ସ୍ତମ୍ଭ ୧୪ ରେ ଦର୍ଶାଯାଇଥିବା କ୍ରୀଡା ବିଭାଗରେ ଓପନ ଜାତୀୟ ଚମ୍ପିଆନସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡାରେ ପ୍ରାର୍ଥୀ ଭାବେ ଭାଗନେଇଥିବେ ଏବଂ ତାହା ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା / ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ ତରଫରୁ ଅନୁମୋଦିତ ହୋଇଥିବେ ଏବଂ କ୍ରୀଡା ନିର୍ଦ୍ଦେଶାଳୟରୁ ଆବଶ୍ୟକ ପରିଚୟ ପତ୍ର ପାଇଥିବେ ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି. ଛାତି ମାପରେ ୨ ସେ.ମି. ଓ ଓଜନରେ ୫ କି.ଗ୍ରା. ପର୍ଯ୍ୟନ୍ତ ନିୟମ ଅନୁଯାୟୀ କୋହଳ ପାଇବାର ବ୍ୟବସ୍ଥା ରହିଅଛି ।

## ୧୦. ଶାରୀରିକ ମାପ/ଶାରୀରିକ ଦକ୍ଷତା ପରୀକ୍ଷା

ପ୍ରାର୍ଥୀ ମନୋନୟନ ନିମନ୍ତେ ଶାରୀରିକ ମାପ, ଶାରୀରିକ ଦକ୍ଷତା ପରୀକ୍ଷା ଓ ଲିଖିତ ପରୀକ୍ଷା ଇତ୍ୟାଦି ଅନୁଷ୍ଠିତ ହେବ । ପ୍ରାର୍ଥୀ ସଂଖ୍ୟା ଅଧିକ ହେଲେ ଶାରୀରିକ ଦକ୍ଷତା ପରୀକ୍ଷା ଅଧିକ ଦିନ ଲାଗିପାରେ ସେଥିପାଇଁ ପ୍ରାର୍ଥୀମାନେ ଅଧିକ ଦିନ ରହିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ । ଶାରୀରିକ ଦକ୍ଷତା ପରୀକ୍ଷା ନମନ୍ତେ ପ୍ରଯୁକ୍ତି ଜ୍ଞାନକୌଶଳ (Technology) ପ୍ରୟୋଗ କରାଯାଇପାରେ। ନିଯୁକ୍ତି ପରୀକ୍ଷାର ଯେ କୌଣସି ପର୍ଯ୍ୟାୟରେ ଶାରୀରିକ ଅକ୍ଷମତାର ପରୀକ୍ଷା / ପୁନଃ ପରୀକ୍ଷା କରାଯାଇପାରେ । ଏତଦ୍ ବ୍ୟତୀତ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଭିନ୍ନ ଭିନ୍ନ ତାରିଖରେ କରାଯାଇପାରେ । ଏ ସମ୍ବନ୍ଧରେ ସମ୍ପୃକ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ପ୍ରାର୍ଥୀମାନଙ୍କୁ ଆବଶ୍ୟକ ସୂଚନା ଦେବେ ।

ଶାରୀରିକ ମାପ ଓ ଦକ୍ଷତା ପରୀକ୍ଷାରେ କୃତକାର୍ଯ୍ୟ ନିମନ୍ତେ ପ୍ରାର୍ଥୀମାନଙ୍କୁ ନିମ୍ନଲିଖିତ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ପଡିବ । ମାର୍କ ଆବଣ୍ଟନ ପ୍ରାର୍ଥୀମାନଙ୍କର ଭିନ୍ନ ଭିନ୍ନ ପରୀକ୍ଷାରେ ପ୍ରଦର୍ଶିତ ଦକ୍ଷତା ଉପରେ ନିମ୍ନ ସାରଣୀ ଅନୁସାରେ ପ୍ରଦତ୍ତ କରାଯିବ ।

| କ୍ର.ସ. | ପରୀକ୍ଷାର ନାମ | ମାର୍କ |
|---|---|---|
| ୧. | ଶାରିରୀକ ମାପ ଓ ଦକ୍ଷତା ପରୀକ୍ଷା<br>(କ)ଶାରିରୀକ ମାପ (ଉଚ୍ଚତା) - ୨୦<br>(ଖ)ଶାରିରୀକ ଦକ୍ଷତା ପରୀକ୍ଷା - ୩୫ | ୫୫ |
| ୨. | ଗାଡି ଚାଳନା | ୦୫ |
| ୩. | ଶିକ୍ଷାଗତ କୃତିତ୍ୱ | ୦୫ |
| ୪. | କ୍ରୀଡାଗ୍ରତ କୃତିତ୍ୱ | ୧୫ |
| ୫. | ଏନ.ସି.ସି. | ୦୫ |
| ୬. | ଲିଖିତ ପରୀକ୍ଷା | ୩୫ |
| | ସମୁଦାୟ ମାର୍କ | ୧୨୦ |

ବିସ୍ତୃତ ଚୟନ ପଦ୍ଧତୀ ଓ ମାର୍କ ବଣ୍ଟନର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### କ) ଶାରୀରିକ ମାପ (ଉଚ୍ଚତା) - ୨୦ ମାର୍କ

| ଅସଂରକ୍ଷିତ / ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ (ପୁରୁଷ) | ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି (ପୁରୁଷ) | ଅସଂରକ୍ଷିତ / ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ (ମହିଳା) | ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି (ମହିଳା) | ମାର୍କ |
|---|---|---|---|---|
| ୧୬୮ ସେ.ମି.ରୁ କମ | ୧୬୩ ସେ.ମି.ରୁ କମ | ୧୫୮ ସେ.ମି.ରୁ କମ | ୧୫୩ ସେ.ମି.ରୁ କମ | ଅଯୋଗ୍ୟ |
| ୧୬୮ ରୁ ୧୭୧ ସେ.ମି. | ୧୬୩ ରୁ ୧୬୬ ସେ.ମି. | ୧୫୮ ରୁ ୧୬୧ ସେ.ମି. | ୧୫୩ ରୁ ୧୫୬ ସେ.ମି. | ୧୦ |
| ୧୭୧ ରୁ ୧୭୪ ସେ.ମି. | ୧୬୬ ରୁ ୧୬୯ ସେ.ମି. | ୧୬୧ ରୁ ୧୬୪ ସେ.ମି. | ୧୫୬ ରୁ ୧୫୯ ସେ.ମି. | ୧୨ |
| ୧୭୪ ରୁ ୧୭୭ ସେ.ମି. | ୧୬୯ ରୁ ୧୭୨ସେ.ମି. | ୧୬୪ ରୁ ୧୬୭ ସେ.ମି. | ୧୫୯ ରୁ ୧୬୨ ସେ.ମି. | ୧୪ |
| ୧୭୭ ରୁ ୧୮୦ ସେ.ମି. | ୧୭୨ ରୁ ୧୭୫ ସେ.ମି. | ୧୬୭ ରୁ ୧୭୦ ସେ.ମି. | ୧୬୨ ରୁ ୧୬୫ ସେ.ମି. | ୧୬ |
| ୧୮୦ ରୁ ୧୮୩ ସେ.ମି. | ୧୭୫ ରୁ ୧୭୮ ସେ.ମି. | ୧୭୦ ରୁ ୧୭୩ ସେ.ମି. | ୧୬୫ ରୁ ୧୬୮ ସେ.ମି. | ୧୮ |
| ୧୮୩ ସେ.ମି. ରୁ ଉର୍ଦ୍ଧ | ୧୭୮ ସେ.ମି. ରୁ ଉର୍ଦ୍ଧ | ୧୭୩ ସେ.ମି. ଉର୍ଦ୍ଧ | ୧୬୮ ସେ.ମି. ରୁ ଉର୍ଦ୍ଧ | ୨୦ |

ଖ) ଶାରୀରିକ ଦକ୍ଷତା ପରୀକ୍ଷା (ପୁରୁଷ ପାର୍ଥୀ ମାନଙ୍କ ପାଇଁ)- ୩୫ ମାର୍କ

| କ୍ର.ସ. | ପରୀକ୍ଷାର ନାମ | ନିୟମାବଳୀ | ମାର୍କ |
|---|---|---|---|
| ଦୌଡ ୧.୬ କି.ମି.- ସର୍ବାଧିକ ୧୦ ମାର୍କ | | | |
| ୧. | ଦୌଡ ୧.୬ କି.ମି. | ୫ ମିନିଟ୍ ଅବଧି ମଧ୍ୟରେ | ୧୦ ମାର୍କ |
| | | ୫.୩୦ ମିନିଟ୍ ଅବଧି ମଧ୍ୟରେ | ୦୭ ମାର୍କ |
| | | ୬.୦୦ ମିନିଟ୍ ଅବଧି ମଧ୍ୟରେ | ୦୪ ମାର୍କ |
| | | ୬.୦୦ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |
| ଉଚ୍ଚ ଡିଆଁ (ତିନି ଥରରେ) ସର୍ବାଧିକ ମାର୍କ - ୧୦ | | | |
| ୨. | ଉଚ୍ଚ ଡିଆଁ (ତିନି ଥରରେ) ୧.୨୨ ମିଟର | ତିନୋଟି ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୦୫ ମାର୍କ |
| | | ତିନୋଟି ସୁଯୋଗରେ ସମ୍ପୂର୍ଣ୍ଣ କରି ନ ପାରିଲେ | ଅଯୋଗ୍ୟ |
| **ଦ୍ରଷ୍ଟବ୍ୟ:** ଯେଉଁ ପ୍ରାର୍ଥୀ ୧.୨୨ ମିଟର ଉଚ୍ଚ ଡିଆଁ ଡେଇଁ ପାରିବେ ତାଙ୍କୁ ପରବର୍ତ୍ତି ଉଚ୍ଚ ଡିଆଁ ୧.୩୮ ମିଟର ଡେଇଁବାକୁ ଗୋଟିଏ ସୁଯୋଗ ଦିଆଯିବ । ଯେଉଁ ପ୍ରାର୍ଥୀ ୧.୩୮ ମିଟର ଉଚ୍ଚ ଡିଆଁ ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କରିବେ ତାଙ୍କୁ ୧.୫୦ ମିଟର ଡେଇଁବାକୁ ଗୋଟିଏ ସୁଯୋଗ ଦିଆଯିବ । ସର୍ବୋଚ୍ଚ ଉଚ୍ଚ ଡିଆଁ ପାଇଁ ନିମ୍ନଲିଖିତ ମାର୍କ ଦିଆଯିବ ।<br>(କ)୧.୩୮ ମିଟ୍ର ଉଚ୍ଚ ଡିଆଁ ପାଇଁ - ୦୭ ମାର୍କ<br>(ଖ)୧.୫୦ ମିଟର ଉଚ୍ଚ ଡିଆଁ ପାଇଁ - ୧୦ ମାର୍କ<br>ସର୍ବୋଚ୍ଚ ଉଚ୍ଚ ଡିଆଁ ପାଇଁ କେବଳ ନମ୍ବର ଦିଆଯିବ । | | | |
| ସନ୍ତରଣ (୪୦ ମିଟ୍ର) (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା) | | | |
| ୩. | ସନ୍ତରଣ (୪୦ ମିଟର) (ଯୋଗ୍ୟତା ଭିତ୍ତିକ) | ୮ ମିନିଟ୍ ଅବଧି ମଧ୍ୟରେ | ଯୋଗ୍ୟ |
| | | ୮ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |
| କ୍ରସ କଣ୍ଟ୍ରି- ୫ କି.ମି. (ସର୍ବାଧିକ ମାର୍କ - ୧୫) | | | |
| ୪. | କ୍ରସ କଣ୍ଟ୍ରି- ୫ କି.ମି. | ୨୦ ମିନିଟ୍ ଅବଧି ମଧ୍ୟରେ | ୧୫ ମାର୍କ |
| | | ୨୩ ମିନିଟ୍ ଅବଧି ମଧ୍ୟରେ | ୧୦ ମାର୍କ |
| | | ୨୫ ମିନିଟ୍ ଅବଧି ମଧ୍ୟରେ | ୦୫ ମାର୍କ |
| | | ୨୫ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |

ଖ) ଶାରୀରିକ ଦକ୍ଷତା ପରୀକ୍ଷା (ମହିଳା ପାର୍ଥୀ ମାନଙ୍କ ପାଇଁ)- ୩୫ ମାର୍କ

| କ୍ର.ସ. | ପରୀକ୍ଷାର ନାମ | ନିୟମାବଳୀ | ମାର୍କ |
|---|---|---|---|
| ଦୌଡ ୧.୬ କି.ମି.- ସର୍ବାଧିକ ୨୦ ମାର୍କ | | | |
| ୧. | ଦୌଡ ୧.୬ କି.ମି. | ୭.୧୫ ମିନିଟ୍ ଅବଧି ମଧ୍ୟରେ | ୨୦ ମାର୍କ |
| | | ୭.୪୫ ମିନିଟ୍ ଅବଧି ମଧ୍ୟରେ | ୧୫ ମାର୍କ |
| | | ୮.୧୫ ମିନିଟ୍ ଅବଧି ମଧ୍ୟରେ | ୧୦ ମାର୍କ |
| | | ୮.୩୦ ମିନିଟ୍ ଅବଧି ମଧ୍ୟରେ | ୦୫ ମାର୍କ |
| | | ୮.୩୦ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |

| ଲମ୍ବ ଡିଆଁ (ତିନି ଥରରେ) ସର୍ବାଧିକ ମାର୍କ - ୧୫ | | | |
|---|---|---|---|
| ୨. | ଲମ୍ବ ଡିଆଁ (ତିନି ଥରରେ) ୨.୭୫ ମିଟର (ଯୋଗ୍ୟ ଭିତ୍ତିକ) | ୨.୭୫ ମିଟର | ୦୫ ମାର୍କ |
| | | ୩.୦୦ ମିଟର | ୧୦ ମାର୍କ |
| | | ୩.୨୫ ମିଟର | ୧୫ ମାର୍କ |
| | | ୨.୭୫ ମିଟର ଡେଇଁ ନ ପାରିଲେ | ଅଯୋଗ୍ୟ |
| **ଦ୍ରଷ୍ଟବ୍ୟ:** ତିନି ଥରରେ ଡେଇଁଥିବା ସର୍ବାଧିକ ଦୂରତ୍ୱ ଅନୁଯାୟୀ ମାର୍କ ଦିଆଯିବ । | | | |
| **ସନ୍ତରଣ (୪୦ ମିଟ୍ର) (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)** | | | |
| ୩. | ସନ୍ତରଣ (୪୦ ମିଟର) (ଯୋଗ୍ୟତା ଭିତ୍ତିକ) | ୧୦ ମିନିଟ୍ ଅବଧି ମଧ୍ୟରେ | ଯୋଗ୍ୟ |
| | | ୧୦ ମିନିଟ୍ ଅବଧି ବାହାରେ | ଅଯୋଗ୍ୟ |

**ଦ୍ରଷ୍ଟବ୍ୟ:-** ଯଦି ପ୍ରାର୍ଥୀ ଉପରୋକ୍ତ ବିଭାଗ ଗୁଡ଼ିକମଧ୍ୟରୁ ଯେ କୌଣସି ଗୋଟିକରେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ।

**୧୧. ଗାଡି ଚାଳନା ପରୀକ୍ଷା**

ଯେଉଁ ପ୍ରାର୍ଥୀଙ୍କର ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଅତିକମ୍‌ରେ ୬ ମାସର ହାଲୁକା କିମ୍ବା ଭାରୀ ଯାନ ଚାଳନା ନିମନ୍ତେ ଲାଇସେନ୍‌ସ ଅଛି (ଶିକ୍ଷଣ ସମୟକୁ ବାଦ୍ ଦେଇ) ଓ ଯେଉଁମାନେ ଏ ସମ୍ପର୍କରେ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି ଏବଂ ଯେଉଁ ପ୍ରାର୍ଥୀ ମାନଙ୍କର ବୈଧ ଗାଡି ଚାଳନା ଲାଇସେନ୍‌ସ (valid driving license) ଥିବ କେବଳ ସେହିପ୍ରାର୍ଥୀ ମାନଙ୍କୁ ଗାଡିଚାଳନା ପରୀକ୍ଷାପାଇଁ ଅନୁମତି ଦିଆଯିବ । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିମ୍ନଲିଖିତ ନମ୍ବର ପାଇବେ ।

(୧)ଭାରିଯାନ ଚାଳନା - ଲାଇସେନ୍‌ସ ସହ ଭାରୀଯାନ ଚାଳନା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ - **୫ ନମ୍ବର**
(୨)ହାଲୁକାଯାନ ଚାଳନା - ଲାଇସେନ୍‌ସ ସହ ହାଲୁକାଯାନ ଚାଳନା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ - **୩ ନମ୍ବର**

**ଏହି ପରୀକ୍ଷାରେ ଭାଗନେବା ପୂର୍ବରୁ ପ୍ରାର୍ଥୀ ତାଙ୍କର ମୂଳ ଡ୍ରାଇଭିଂ ଲାଇସେନ୍‌ସ ଯାଞ୍ଚ ନିମନ୍ତେ ଦାଖଲ କରିବେ ।**

ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଓ ନମ୍ବର ପାଇଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିପରେ ଆବଶ୍ୟକସ୍ଥଳେ ଗାଡି ଚଳାଇବା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶବିଶେଷ ଭାବେ ବିବେଚିତ ହେବ ।

**ଦ୍ରଷ୍ଟବ୍ୟ:-** ଗାଡି ଚାଳନା ଲାଇସେନ୍‌ସର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ତାହାର ସଠିକ୍ ତାରିଖକୁ Original License ସହିତ ମିଳାଇ ପ୍ରାର୍ଥୀ ଦରଖାସ୍ତ ଫର୍ମରେ ଉଲ୍ଲେଖ କରିଥିବା ସମସ୍ତ ତଥ୍ୟ ସହିତ ବିଚାରକୁ ନିଆଯିବ ।

**୧୨. ଶିକ୍ଷାଗତ ଯୋଗ୍ୟତା - ମୋଟ ନମ୍ବର -୫**

ପ୍ରାର୍ଥୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଯୁକ୍ତ ଦୁଇ) ପରୀକ୍ଷାରେ ରଖିଥିବା % (ଶତକଡା) ମାର୍କକୁ ଭିତ୍ତିକରି ନିମ୍ନଲିଖିତ ନମ୍ବର ପ୍ରଦାନ କରାଯିବ ।

| ଶିକ୍ଷାଗତ ଯୋଗ୍ୟତା | ଡିଭିଜନ୍ (%) | ନମ୍ବର |
|---|---|---|
| +2 ବା ତତ୍ତୁଲ୍ୟ ପରୀକ୍ଷା | ୬୦% ଓ ଅଧିକ | ୫ ନମ୍ବର |
| | ୬୦% ରୁ କମ୍/ କମ୍ପାର୍ଟମେଣ୍ଟାଲ / ସପ୍ଲିମେଣ୍ଟାରି | କୌଣସି ନମ୍ବର ଦିଆଯିବ ନାହିଁ |

**ଦ୍ରଷ୍ଟବ୍ୟ:-** ପ୍ରଥମ ସୁଯୋଗରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ହିଁ ନମ୍ବର ମିଳିବ । ଉଚ୍ଚତମ ଶିକ୍ଷାଗତ ଯୋଗ୍ୟତା ପାଇଁ କୌଣସି ନମ୍ବର ଦିଆଯିବ ନାହିଁ ।

ଶାରିରୀକ ମାପ ଓ ଦକ୍ଷତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କୁ ଲିଖିତ ପରୀକ୍ଷାରେ ଅଂଶ ଗ୍ରହଣ କରିବା ନିମନ୍ତେ ସୁଯୋଗ ଦିଆଯିବ ।

**୧୩. ଲିଖିତ ପରୀକ୍ଷା - ମୋଟ ନମ୍ବର - ୩୫**

(କ) ଏହି ପରୀକ୍ଷା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ +2 ଷ୍ଟାଣ୍ଡାର୍ଡର କରାଯିବ ।

(ଖ) ଏହି ପରୀକ୍ଷା ବହୁମୁଖୀ ସମ୍ବନ୍ଧୀୟ ପ୍ରଶ୍ନପତ୍ର (multiple choice question) ଯଥା- ଓଡ଼ିଆ ଭାଷା, ଇଂରାଜୀ ଭାଷା, ଅଙ୍କ ଜ୍ଞାନ (Arithmetic), ସାଧାରଣଜ୍ଞାନ (General Knowledge) ଓ ଯଥାର୍ଥତା (Aptitude) ଏବଂ ତର୍କ ଜ୍ଞାନ (Logical reasoning) ଇତ୍ୟାଦିରେ କରାଯିବ ।

(ଗ) ଲିଖିତ ପରୀକ୍ଷାରେ ଅଂଶ ଗ୍ରହଣ କରି ନ ଥିବା ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(ଘ) ପରୀକ୍ଷା Optical Mark Reader (OMR) ପ୍ରଣାଳୀରେ କରାଯାଇପାରେ ।

(ଙ) ପ୍ରାର୍ଥୀ ମାନଙ୍କର ଲିଖିତ ପରୀକ୍ଷାର ଯୋଗ୍ୟତା ଭିତ୍ତିକ ନମ୍ବର ସିଲେକ୍ସନ୍ ବୋର୍ଡଙ୍କ ଦ୍ୱାରା ସ୍ଥିର କରାଯିବ ।

**୧୪. କ୍ରୀଡା - ମୋଟ ନମ୍ବର-୧୫**

କେବଳ ନିମ୍ନଲିଖିତ କ୍ରୀଡା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା ମୂଲ୍ୟାୟନ କରାଯିବ ।

| | |
|---|---|
| ୧. | ଆଥଲେଟିକ୍ସ୍ |
| ୨. | ଆର୍ଚ୍ଚରୀ |
| ୩. | ବ୍ୟାଡମିଣ୍ଟନ |
| ୪. | ବାସ୍କେଟବଲ |
| ୫. | ବଡି ବିଲ୍ଡିଂ |
| ୬. | ବକ୍ସିଂ |
| ୭. | କ୍ରିକେଟ୍ |
| ୮. | ସାଇକ୍ଲିଂ |
| ୯. | ଇକ୍ୟୁଷ୍ଟ୍ରିଆନ |
| ୧୦. | ଫୁଟବଲ୍ |
| ୧୧. | ଜିମନାଷ୍ଟିକ୍ସ |
| ୧୨. | ହକି |
| ୧୩. | ଜୁଡୋ |

| | |
|---|---|
| ୧୪. | କବାଡି |
| ୧୫. | କରାଟେ ଡୋ |
| ୧୬. | କାୟାକିଂ ଓ କ୍ୟାନୋଇଂ |
| ୧୭. | ଲନ୍ ଟେନିସ୍ |
| ୧୮. | ପାୱାର ଲିଫ୍ଟିଂ |
| ୧୯. | ରୋଇଙ୍ଗ |
| ୨୦. | ସୁଟିଂ |
| ୨୧. | ସୁଇମିଙ୍ଗ |
| ୨୨. | ଟେବୁଲ ଟେନିସ୍ |
| ୨୩. | ତାଇକୋଣ୍ଡୋ |
| ୨୪. | ଭଲିବଲ |
| ୨୫. | ୱେଟ୍ ଲିଫ୍ଟିଂ |
| ୨୬. | ରେସ୍‌ଲିଙ୍ଗ୍ |

**(କ) ଆନ୍ତର୍ଜାତୀୟ କ୍ରୀଡାରେ**

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୫ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୧୪ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୧୩ ନମ୍ବର |

**(ଖ) ଆନ୍ତର୍ଜାତୀୟ କ୍ରୀଡାରେ ଦେଶପାଇଁ ପ୍ରତିନିଧିତ୍ୱ କରି ମେଡାଲ୍ ପାଇ ନଥିଲେ** - ୧୦ ନମ୍ବର

**(ଗ) ଓପନ ଜାତୀୟ ଚମ୍ପିଆନସିପ୍‌ରେ**

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୦ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୭ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୫ ନମ୍ବର |

**ଦ୍ରଷ୍ଟବ୍ୟ:-**(୧) କେବଳ ଗୋଟିଏ କ୍ରୀଡା ଇଭେଣ୍ଟ ପାଇଁ ନମ୍ବର ଦିଆଯିବ ।

(୨) କେବଳ ଓପନ୍ ଜାତୀୟ ଏବଂ ଆନ୍ତର୍ଜାତୀୟ ଚମ୍ପିଆନସିପ୍‌ରେ ପ୍ରାର୍ଥୀ ଭାଗ ନେଇଥିବେ ଏବଂ ସ୍ୱୀକୃତୀପ୍ରାପ୍ତ ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା / ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ ତରଫରୁ ଅନୁମୋଦନ ହୋଇଥିବା ଆବଶ୍ୟକ ।

(୩) କେବଳ ଓପନ୍ ଜାତୀୟ ଚମ୍ପିଆନସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡାରେ ଭାଗ ନେଇଥିବା ପୁରୁଷ, ମହିଳା, ଜୁନିଅର ବାଳକ / ବାଳିକା ଏବଂ ସବ୍ ଜୁନିଅର ବାଳକ / ବାଳିକା ବିଭାଗରେ ଭାଗ ନେଇଥିବା ପ୍ରାର୍ଥୀମାନଙ୍କର ଉପରୋକ୍ତ ଯୋଗ୍ୟତା ଭିତ୍ତିରେ ନମ୍ବର ବିଚାରକୁ ନିଆଯିବ ।

(୪) ଯେଉଁ କ୍ଷେତ୍ରରେ କୌଣସି ମେଡାଲର ବ୍ୟବସ୍ଥା ନାହିଁ, ସେ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗୁଡିକୁ ଯଥାକ୍ରମେ ଗୋଲ୍ଡ, ସିଲ୍ଭର୍ ଓ ବ୍ରୋଞ୍ଜ ମେଡାଲ ରୂପେ ବିବେଚନା କରାଯିବ ।

(୫) କ୍ରୀଡା ସାର୍ଟିଫିକେଟର ବୈଧତା ଓ ଆନୁସାଙ୍ଗିକ ନିୟମାବଳୀ ଘରୋଇ ବିଭାଗ Resolution No.57063/D&A dated:23.12.2010 ରେ ଉପଲବ୍ଧ ।

**୧୫. <u>ଏନ୍.ସି.ସି.ସାର୍ଟିଫିକେଟ୍</u> - ମୋଟ ନମ୍ବର ୫**

| | | |
|---|---|---|
| ଏନ୍.ସି.ସି. 'A' ସାର୍ଟିଫିକେଟ୍ ପାଇଁ | - | ୧ ନମ୍ବର |
| ଏନ୍.ସି.ସି. 'B' ସାର୍ଟିଫିକେଟ୍ ପାଇଁ | - | ୩ ନମ୍ବର |
| ଏନ୍.ସି.ସି. 'C' ସାର୍ଟିଫିକେଟ୍ ପାଇଁ | - | ୫ ନମ୍ବର |

୧୬. **ଡାକ୍ତରୀ ପରୀକ୍ଷା:**

ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାର ଶାରିରୀକ ଦକ୍ଷତା ପରୀକ୍ଷା ପୂର୍ବରୁ ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରାଯିବ । ପ୍ରାର୍ଥୀଙ୍କର ଯଦି ଶରୀରର କୌଣସି ଅଙ୍ଗ ଅକ୍ଷମ କିମ୍ବା ଶାରୀରିକ ଅକ୍ଷମତା ଥାଏ ଏବଂ ପ୍ରାର୍ଥୀ ଡାକ୍ତରୀ ପରୀକ୍ଷାରେ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତାଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ଦେବାପାଇଁ ଅନୁମତି ଦିଆଯିବ ନାହିଁ ।

**ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାର ଯେ କୌଣସି ପର୍ଯ୍ୟାୟରେ ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରାଯିବ । ଆଣ୍ଠୁ ବାଜିବା (knock knee), ଚଟକା ପାଦ (flat foot), ଫୁଲିଥିବା ଗୋଡ ଧମନୀ (varicose vein), ଧନୁଭଳି ବଙ୍କା ଗୋଡ (bow leg), ଟେରା (squint in eye), ଖରାପ ଦୃଷ୍ଟିଶକ୍ତି (poor vision), ରଙ୍ଗ ନ ଚିହ୍ନି ପାରିବା (colour blindness), flex finger, ଅନ୍ୟାନ୍ୟ ଶାରୀରିକ ଅକ୍ଷମତା, କହିବା ଏବଂ ଶୁଣିବାରେ ବାଧା ଇତ୍ୟାଦି ଏହି ଡାକ୍ତରୀ ପରୀକ୍ଷାର ଅନ୍ତର୍ଭୁକ୍ତ ହେବ ।**

**ଶାରିରୀକ ପରୀକ୍ଷା ଅଂଶ ଗ୍ରହଣ କରିବା ସମୟରେ ପ୍ରାର୍ଥୀ ନିଜର ଶାରିରୀକ ସୁସ୍ଥତା ସମ୍ପର୍କିତ ସ୍ୱଲିଖିତ ପ୍ରମାଣ ପତ୍ର (self certificate) ଚୟନ ମଣ୍ଡଳି (Recruiting Board) ଙ୍କୁ ହସ୍ତାନ୍ତର କରିବେ ।**

୧୭. ପ୍ରାର୍ଥୀ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକର ନକଲ ଦରଖାସ୍ତ ସହିତ ସଂଲଗ୍ନ କରି ଦାଖଲ କରିବେ । ଏହି ନକଲଗୁଡିକ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ନକଲ ଉକ୍ତ ପ୍ରମାଣପତ୍ର ସମ୍ପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୁଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ ।

୧. ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ) ।
୨. ଶିକ୍ଷାଗତ ଯୋଗ୍ୟତା (ଯୁକ୍ତ ଦୁଇ ସାର୍ଟିଫିକେଟ ପରୀକ୍ଷା ଓ ତତ୍ତୁଲ୍ୟ) ।
୩. ଯୁକ୍ତ ଦୁଇ ସାର୍ଟିଫିକେଟର ମାର୍କସିଟ୍‌ର ନକଲ ।
୪. ଜାତିଗତ ପ୍ରମାଣପତ୍ର (କେବଳ ତଫସିଲଭୁକ୍ତ ଜାତି/ଉପଜାତି/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ)।
୫. ନାମ ପଞ୍ଜିକରଣ ପ୍ରମାଣପତ୍ର ।
୬. କ୍ରୀଡା ପ୍ରମାଣପତ୍ର (କେବଳ ଅନୁଚ୍ଛେଦ ୧୪ ରେ ଉଦ୍ଦିଷ୍ଟ ଥିବା କ୍ରୀଡା ନିମନ୍ତେ) ।
୭. ଏନ୍.ସି.ସି. ସାର୍ଟିଫିକେଟ (ଏନ୍.ସି.ସି. ସାର୍ଟିଫିକେଟ ପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ) ।
୮. ଗାଡି ଚାଳନା ଲାଇସେନ୍‌ସ (ଗାଡିଚାଳନା ଅଭିଜ୍ଞତା ଥିଲେ)।
୯. ଡିସଚାର୍ଜ ପ୍ରମାଣପତ୍ର (ଅବସରପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)।
୧୦. ତିନୋଟି (୩) ପାସପୋର୍ଟ ସାଇଜର ରଙ୍ଗୀନ ଫଟୋଗ୍ରାଫ (ଦରଖାସ୍ତ ଫର୍ମରେ ଲଗାଯାଇଥିବା ରଙ୍ଗୀନ ଫଟୋଗ୍ରାଫ ବ୍ୟତୀତ) (ଏହି ତିନୋଟି ଫଟୋର ପଛପାଖରେ ପ୍ରାର୍ଥୀଙ୍କ ନାମ ଓ ଦସ୍ତଖତ ରହିବ) ।

୧୮. **କିପରି ଆବେଦନ କରିବେ**

ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ରାଜ୍ୟ ଆରକ୍ଷୀ ବିଭାଗର କନେଷ୍ଟବଲ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବେ, ସାରଣୀ ୨ ରେ ଦର୍ଶାଯାଇଥିବା ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ପ୍ରାର୍ଥୀ ଦରଖାସ୍ତ ଫର୍ମ ମୂଲ୍ୟ ବାବଦରେ **ଟ.୫୦/- (ପଚାଶ ଟଙ୍କା ମାତ୍ର)** ର ବ୍ୟାଙ୍କ

ଡ୍ରାଫ୍‌ଟ କିମ୍ବା ପୋଷ୍ଟାଲ ଅର୍ଡର ଦେଇ କରି ଦରଖାସ୍ତ ଫର୍ମ କିଣିବେ । ଏହା ବ୍ୟତୀତ ଏହି ଦରଖାସ୍ତ ଫର୍ମ ୱେବସାଇଟ୍ www.odisha.gov.in, www.odishapolice.gov.in ଏବଂ www.opssb.nic.in ରୁ ଡାଉନ ଲୋଡ କରିହେବ। ୱେବସାଇଟରୁ ଡାଉନ୍ ଲୋଡ୍ କରି ଫର୍ମ ଦେଇଥିବା ପ୍ରାର୍ଥୀ, ଫର୍ମ ସହିତ **ଟ.୫୦/- (ପଚାଶ ଟଙ୍କା ମାତ୍ର)** ମୂଲ୍ୟର ବ୍ୟାଙ୍କ ଡ୍ରାଫ୍‌ଟ କିମ୍ବା ପୋଷ୍ଟାଲ ଅର୍ଡର ସଂଲଗ୍ନ କରିବେ । ବ୍ୟାଙ୍କ ଡ୍ରାଫ୍‌ଟ କିମ୍ବା ପୋଷ୍ଟାଲ ଅର୍ଡର ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସପକ୍ଷରେ କରିବେ । ଏହା କିପରି କରାଯିବ ଏହି ବିଷୟରେ ସବିଶେଷ ବିବରଣୀ କ୍ରମିକ ସଂଖ୍ୟା ୪ ସ୍ତମ୍ଭରେ ଦର୍ଶାଯାଇଥିବା ସାରଣୀ (Table) ରେ ପ୍ରଦତ୍ତ କରାଯାଇଅଛି । ଅନ୍ୟ ମାଧ୍ୟମରୁ ଆଣିଥିବା ଫର୍ମ ଗ୍ରହଣ ଯୋଗ୍ୟ ନୁହେଁ । ପ୍ରାର୍ଥୀ ଦରଖାସ୍ତ ଫର୍ମ ସହିତ ବ୍ୟାଙ୍କ ଡ୍ରାଫ୍‌ଟ/ପୋଷ୍ଟାଲ ଅର୍ଡର ଓ ଅନ୍ୟାନ୍ୟ ପ୍ରମାଣପତ୍ର ଗୁଡିକର ନକଲ ସହ ନିମ୍ନମତେ ଡାକ ଯୋଗେ ପଠାଇବେ କିମ୍ବା ଦରଖାସ୍ତ ଫର୍ମ ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନିମ୍ନଲିଖିତ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ସ୍ଥାନରେ ଦାଖଲ କରି ରସିଦ ନେବେ । ଫର୍ମ ଦାଖଲ କରିବାର ଶେଷ ତାରିଖ **୨୬.୦୭.୨୦୧୮ ସନ୍ଧ୍ୟା ୫ ଘଟିକା** ଅଟେ।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ଡାକ ଯୋଗେ ପଠାଇବା ଠିକଣା କିମ୍ବା ବ୍ୟକ୍ତିଗତଭାବେ ଦାଖଲ କରିବା ସ୍ଥାନ |
|---|---|---|
| ୧. | କଟକ | Supdt. of Police, Cuttack, At/PO/Dist:Cuttack |
| ୨. | ଜଗତସିଂହପୁର | Supdt. of Police, Jagatsinghpur, At/PO/Dist:Jagatsinghpur |
| ୩. | ଯାଜପୁର | Supdt. of Police, Jajpur, At/PO: Panikoili, Dist: Jajpur |
| ୪. | ନୟାଗଡ | Supdt. of Police, Nayagarh, At/PO/Dist: Nayagarh |
| ୫. | କେନ୍ଦ୍ରାପଡା | Supdt. of Police, Kendrapara, At/PO/Dist: Kendrapara |
| ୬. | ପୁରୀ | Supdt. of Police, Puri, At/PO/Dist: Puri |
| ୭. | ଖୋର୍ଦ୍ଧା | Supdt. of Police, Khordha, At/PO/Dist: Khordha |
| ୮. | ବାଲେଶ୍ୱର | Supdt. of Police, Balasore, At/PO/Dist: Balasore |
| ୯. | ଭଦ୍ରକ | Supdt. of Police,Bhadrak, At/PO/Dist: Bhadrak |
| ୧୦. | ମୟୂରଭଞ୍ଜ | Supdt. of Police, Mayurbhanj At/PO: Baripada, Dist: Mayurbhanj |
| ୧୧. | ଗଞ୍ଜାମ | Supdt. of Police, Ganjam, At/PO: Chhatrapur, Dist: Ganjam |
| ୧୨. | ଗଜପତି | Supdt. of Police, Gajapati, At/PO: Paralakhemundi, Dist:Gajapati |
| ୧୩. | ବୌଦ୍ଧ | Supdt. of Police, Boudh, At/PO/Dist: Boudh |
| ୧୪. | କନ୍ଧମାଳ | Supdt. of Police, Kandhamal, At/PO/Dist: Kandhamal |
| ୧୫. | ଅନୁଗୁଳ | Supdt. of Police, Angul, At/PO/Dist: Angul |
| ୧୬. | ଢେଙ୍କାନାଳ | Supdt. of Police,Dhenkanal, At/PO/Dist:Dhenkanal |
| ୧୭. | ଦେବଗଡ | Supdt. of Police, Deogarh, At/PO/Dist: Deogarh |
| ୧୮. | ସମ୍ବଲପୁର | Supdt. of Police, Sambalpur, At/PO/Dist: Sambalpur |
| ୧୯. | ବରଗଡ | Supdt. of Police, Bargarh, At/PO/Dist: Bargarh |
| ୨୦. | ବାଲାଙ୍ଗିର | Supdt. of Police, Bolangir, At/PO/Dist: Bolangir |
| ୨୧. | ଝାରସୁଗଡା | Supdt. of Police, Jharsuguda, At/PO/Dist: Jharsuguda |
| ୨୨. | ସୁବର୍ଣ୍ଣପୁର | Supdt. of Police, Subarnapur, At/PO: Sonepur, Dist: Subarnapur |
| ୨୩. | କୋରାପୁଟ | Supdt. of Police, Koraput, At/PO/Dist: Koraput |
| ୨୪. | ମାଲକାନଗିରି | Supdt. of Police, Malkangiri, At/PO/Dist: Malkangir |
| ୨୫. | ରାୟଗଡା | Supdt. of Police, Rayagada, At/PO/Dist: Rayagada |
| ୨୬. | କଳାହାଣ୍ଡି | Supdt. of Police,Kalahandi, At/PO: Bhawanipatna, Dist: Kalahandi |
| ୨୭. | ନୂଆପଡା | Supdt. of Police,Nuapada, At/PO/Dist: Nuapada |

| | | |
|---|---|---|
| ୨୮. | ନବରଙ୍ଗପୁର | Supdt. of Police,Nawarangpur, At/PO/Dist: Nawarangpur |
| ୨୯. | ସୁନ୍ଦରଗଡ | Supdt. of Police, Sundargarh, At/PO/Dist: Sundargarh |
| ୩୦. | କେଉଁଝର | Supdt. of Police,Keonjhar, At/PO/Dist: Keonjhar |
| ୩୧. | ବ୍ରହ୍ମପୁର | Supdt. of Police, Berhampur, At/PO: Berhampur, Dist: Ganjam |
| ୩୨. | ରାଉରକେଲା | Supdt. of Police, Rourkela, At/PO: Rourkela, Dist: Sundargarh |
| ୩୩. | ଜି.ଆର୍.ପି., କଟକ | Supdt. of Railway Police, Cuttack, At/PO/Dist: Cuttack |
| ୩୪. | ଜି.ଆର୍.ପି., ରାଉରକେଲା | Supdt. of Railway Police, Rourkela, At/PO: Rourkela, Dist: Sundargarh |
| ୩୫. | କମିଶନରେଟ୍, ଭୁବନେଶ୍ୱର-କଟକ, ଭୁବନେଶ୍ୱର | Dy.Commissioner of Police(Hdqrs.), Bhubaneswar |

**୧୯. ପାର୍ଥୀ ମାନଙ୍କ ପାଇଁ ସତର୍କ ସୂଚନା**

ଏତଦ୍ ଦ୍ୱାରା ସମସ୍ତ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆ ଯାଉଅଛି କି ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ ହୋଇଥିବା ଶିକ୍ଷାଗତ ତଥା ଅନ୍ୟାନ୍ୟ ଯୋଗ୍ୟତା ଭିତ୍ତିକ ପ୍ରମାଣ ପତ୍ର ଯାଞ୍ଚ ସମୟରେ ଯଦି ଅସତ୍ୟ ବୋଲି ପ୍ରମାଣିତ ହୁଏ, ସେହି ପ୍ରାର୍ଥୀଙ୍କ ବିରୁଦ୍ଧରେ ମକଦମା ରୁଜୁ କରାଯିବା ସହିତ ପ୍ରାର୍ଥୀପତ୍ର ନାକଚ କରାଯିବ ।

ଯଦି କୌଣସି ପ୍ରାର୍ଥୀ / ପ୍ରାର୍ଥୀନି ଅସ୍ତ ଉପାୟ୍ ଅବଲମ୍ବନ ପୂର୍ବକ ଚାକିରିରେ ନିଜର ଯୋଗ୍ୟତା ହାସଲ କରିବା ପାଇ ପ୍ରୟାସ କରିବେ, ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଯଦି କୌଣସି ମଧ୍ୟସ୍ଥି ପ୍ରାର୍ଥୀମାନଙ୍କ ଠାରୁ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଅସାଧୁ ଉପାୟରେ ଆର୍ଥିକ ଲାଭ, ଲାଞ୍ଚ ଗ୍ରହଣ କରିଥିବାର ଦୃଷ୍ଟିକୁ ଆସେ, ତେବେ ସେହି ବ୍ୟକ୍ତି ତଥା ଲାଞ୍ଚ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଅବୈଧ କାର୍ଯ୍ୟକଳାପକୁ ପ୍ରାର୍ଥୀ ରାଜ୍ୟ ଦୁର୍ନିତୀ ନିବାରଣ ବିଭାଗର ୱେବସାଇଟ www.odishavigilance.gov.in ଏବଂ ରାଜ୍ୟ ସିଲେକ୍ସନ ବୋର୍ଡର e-Mail I.D. opssb.odpol@nic.in ଜରିଆରେ ଦୃଷ୍ଟି ଆକର୍ଷଣ କରିପାରିବେ ।

**୨୦. ପରୀକ୍ଷା ଫଳାଫଳ ଏବଂ ଚୟନ ତାଲିକା**

ଚୟନ ପ୍ରକ୍ରିୟାର ଶେଷରେ କୃତି ପ୍ରାର୍ଥୀ ମାନଙ୍କର ଅନୁଷ୍ଠାନ / ଜିଲ୍ଲାୱାରୀ ଯୋଗ୍ୟତା ଭିତ୍ତିକ ଏବଂ ବର୍ଗାନୁଭିତ୍ତିକ ଚୟନ ତାଲିକା ପ୍ରକାଶ ପାଇବ ।

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ରାଜ୍ୟ ଆରକ୍ଷୀ ବିଭାଗର କନେଷ୍ଟବଲ ନିଯୁକ୍ତ ପରୀକ୍ଷା ପାଇଁ ସେମାନେ ଆବେଦନ କରିବା ସମୟରେ ଅଧିକ ବିବରଣୀ ଓଡିଶା ସରକାରଙ୍କର ଗୃହ ବିଭାଗ Notification No. 57063/D&A., dtd. 23.12.2010, No.44885/D&A., dtd.21.11.2017 and No. 50127/D&A dtd. 21.12.2017 ୱେବସାଇଟ୍ www.odisha.gov.in, www.odishapolice.gov.in ଏବଂ www.opssb.nic.in ରେ ଉପଲବ୍ଧ ହେବ ।

ଅଧ୍ୟକ୍ଷା
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡିଶା ପୋଲିସ, କଟକ